Chapter- 9

# ବୁଢୀ ଓ ପଣ୍ଡିତେ

**STUDY NOTES**

## MIND MAP



ନଈ ଏ ପାରିରେ ଜଣେ ବୁଢ଼ୀ ବାସ କରୁଥିଲା । ତାର ଗୋପାଳ କୁଳରେ ଜନ୍ମ । ପ୍ରତିଦିନ କ୍ଷୀର ବିକିବାକୁ ସେ ନଈ ସେପାରି ଯାଇଥାଏ । ଲାଜ ସରମକୁ ତାର କୌଣସି ଖାତିର ନ ଥାଏ । ସେ ଜଣେ ପଣ୍ଡିତଙ୍କୁ ନିତି କ୍ଷୀର ଦେଇଥାଏ । ଦିନେ ଦିନେ ଡ଼ଙ୍ଗା ଡ଼େରି ହେବାରୁ କ୍ଷୀର ଦେବା ବିଳମ୍ବ ହୁଏ । ବୁଢ଼ୀ ଜୋରରେ ଧାଉଁଥାଏ । ପଣ୍ଡିତେ ତାର ବିଳମ୍ବର କାରଣ ପଚାରିଲେ । ବୁଢ଼ୀର ଉତର ଶୁଣି ହରି ନାମ ସ୍ମରଣ କରିବାକୁ ତାକୁ କହିଲେ । ଯିଏ ହରି ନାମ ଜାକୁଥାଏ ସେ ଭବ ସଂସାରରୁ ପାରିହୋଇଥାଏ । ତାପରେ ବୁଢ଼ୀ ଖୁବ୍ ଶ୍ରୀଘ୍ର ଆସି ପହଂଚିଲା । ପଣ୍ଡିତେ ପଚାରିଲେ ଆଜି କଣ ଏତେ ସଅଳ । ବୁଢ଼ୀ କହିଲା ଆପଣଙ୍କ ସୂତ୍ର ଧରି ମୁଁ ଡ଼ଙ୍ଗା ପାରି ହେଲି । ଏଥିରେ ପଣ୍ଡିତ ବୁଢ଼ୀକୁ ଧନ୍ୟଧନ୍ୟ କହିଲେ । ଉଭୟେ ଖୁବ୍ ଖୁସି ହେଲେ ।

ODM EDUCATIONAL GROUP Changing your Tomorrow